## ଟାଏକୋଣ୍ଡୋରେ ବୁଗୁଡ଼ାର ୫ ଛାତ୍ରଙ୍କୁ ମେଡାଲ୍

ବୁଗୁଡ଼ା,(ଡି.ଏନ.ଏ.): ବ୍ରହ୍ମପୁର ଟାଟା କଲୋନୀଠାରେ ଚାଲିଥିବା ରାଜ୍ୟସ୍ତରୀୟ ଓପନ ଷ୍ଟେଟ୍ ଟାଏକୋଣ୍ଡୋ ଚାମ୍ପିୟନଶିପରେ ବୁଗୁଡ଼ାର ୫ ଛାତ୍ର ପଦକ ହାସଲ କରିଛନ୍ତି। ସେଥିମଧ୍ୟରୁ ୪ ଜଣ ଗୋଲ୍ଡ ମେଡାଲ ପାଇଥିବା ବେଳେ ଜଣଙ୍କୁ ବ୍ରୋଞ୍ଜ୍ ପଦକ ମିଳିଛି। ଆରିୟାନ ପଲେଇ, ଦୁର୍ଗାପ୍ରସାଦ ଦାଶ, ହିମାଂଶୁ ଶେଖର ମହାନ୍ତି ଓ ମିଳନ କୁମାର ରାୟଙ୍କୁ ଗୋଲ୍ଡ ମିଳିଥିବା ବେଳେ ସାଇ ସତ୍ୟ ପ୍ରସାଦ ସେଠୀଙ୍କୁ ବ୍ରୋଞ୍ଜ୍ ମେଡାଲ ମିଳିଛି। ସମସ୍ତ ଛାତ୍ର ବୁଗୁଡ଼ା ନ୍ୟୁଏରା ପବ୍ଲିକ ସ୍କୁଲଠାରେ କୋଚ୍ ନିରଞ୍ଜନ ଗୌଡ଼ଙ୍କଠାରୁ ପ୍ରଶିକ୍ଷଣ ନେଉଥିଲେ।



## ସଂକ୍ଷେପରେ

### ଭତ୍ତା ବାଣ୍ଟିଲେ ବିଧାୟକ

ଫୁଲବାଣୀ ଅଫିସ, ୪।୧:ଫିରିଙ୍ଗିଆ ବ୍ଲକ ସଭା ଗୃହରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ନୂଆ ହିତାଧିକାରୀମାନଙ୍କୁ ଭତ୍ତା ବାଣ୍ଟିଛନ୍ତି। ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ମୈତ୍ରୀ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଲାଲନନ୍ଦା ପ୍ରଧାନ, ଉପାଧକ୍ଷା ସସ୍ମିତା ଦିଗାଲ, ବିଡିଓ ରଶ୍ମିରଞ୍ଜନ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୧୩୫ ନୂଆ ହିତାଧିକାରୀଙ୍କୁ ଭତ୍ତା ବଣ୍ଟାଯାଇଥିଲା । ସେମାନଙ୍କ ମଧ୍ୟରେ ୬୩ ଜଣଙ୍କୁ ବାର୍ଦ୍ଧକ୍ୟ, ୩୬ ଜଣଙ୍କୁ ବିଧବା, ୧୭ ଜଣଙ୍କୁ ଦିବ୍ୟାଙ୍ଗ, ୧୬ ଜଣଙ୍କୁ ଅବିବାହିତ ଓ ୩ ଜଣଙ୍କୁ ସ୍ୱାମୀ ପରିତ୍ୟକ୍ତା ଭତ୍ତା ଅନ୍ତର୍ଭୁକ୍ତ ରହିଛି ।

### ଓମିକ୍ରନ ସଚେତନତା କାର୍ଯ୍ୟକ୍ରମ

ଫୁଲବାଣୀ ଅଫିସ, ୪।୧: ଫିରିଙ୍ଗିଆ ପୋଲିସ ପକ୍ଷରୁ ସହରରେ କରୋନାର ତୃତୀୟ ଲହର ଓମିକ୍ରନ ଉପରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ, ସଦର ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁଙ୍କ ନେତୃତ୍ୱରେ ଅନ୍ୟ ପୋଲିସ କର୍ମଚାରୀ, ଫିରିଙ୍ଗିଆ ରାଜସ୍ୱ ନୀରିକ୍ଷକ ରିତାଞ୍ଜଳୀ ବେହେରାଙ୍କ ସମେତ ଅନ୍ୟମାନେ ସାମିଲ ହୋଇ ଲୋକଙ୍କୁ ଓମିକ୍ରନ ସଂକ୍ରମଣ ଏବଂ ଏଥିରୁ କିପରି ବର୍ତ୍ତିପାରିବା ତାହା ଉପରେ ସଚେତନ କରିଥିଲେ । ଫିରିଙ୍ଗିଆ ଥାନାରୁ ଶୋଭାଯାତ୍ରା ବାହାରି ସହରର ବ୍ଲକ ଛକ, ଇନ୍ଦିରା ଗାନ୍ଧୀ ଛକ, ବାଣିଜ୍ୟ ଭଣ୍ଡାର ଛକଠାରେ ଲୋକଙ୍କୁ ସଚେତନ କରାଯିବା ସହ ମାସ୍କ ବଣ୍ଟାଯାଇଥିଲା ।

### ଫୁଲବାଣୀ ସହରରେ ବଢ଼ୁଛି ଚୋରି

ଫୁଲବାଣୀ ଅଫିସ, ୪।୧: ସଦର ଥାନା ପୋଲିସର ନିଷ୍କ୍ରିୟତା ଯୋଗୁ ଫୁଲବାଣୀ ସହରରେ ସିରିଜ ଚୋରି ବଢ଼ିଚାଲିଛି । ସହରର ଭବାନୀ ମାର୍କେଟ ଅଞ୍ଚଳରୁ ୩ଟି ଦୋକାନରୁ ଚୋରମାନେ ତାଲା ଭାଙ୍ଗି ଚୋରି କରିଛନ୍ତି। ଆଉ କେତେକ ସ୍ଥାନରେ ଚୋରି ଉଦ୍ୟମ କରି ବିଫଳ ହୋଇଛନ୍ତି । ପୋଲିସ ପାଟ୍ରୋଲିଂ ଠିକ ଭାବେ ହେଉ ନ ଥିବାରୁ ଏଭଳି ସ୍ଥିତି ସହରରେ ଉପୁଜୁଛି। ଏ ନେଇ ବଣିକ ସଂଘ ପକ୍ଷରୁ ଏସପିଙ୍କୁ ଜଣାଯିବା ପରେ ଏସଡିପିଓ ମହେନ୍ଦ୍ର ନାଥ ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି ।

### ଏସ୍‌ଏଚ୍‌ଜିକୁ ଧାନକିଣା ଅନୁମତି ନ ମିଳିବାରୁ ଅସନ୍ତୋଷ

କାଶୀନଗର,୪।୧:ଗଜପତିର ଦ୍ୱିତୀୟ ମଣ୍ଡି ସୋମବାର ଖୋଲାଯାଇଛି। କାଶୀନଗର ବ୍ଲକ ଓ ଏନ୍‌ଏସିର ୧୬ ମିଶନ ଶକ୍ତି ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ଦାୟିତ୍ୱ ଦିଆଯାଇଛି। ବ୍ଲକ ଓ ଏନ୍‌ଏସିରେ ବହୁ ସ୍ୱୟଂ ସହାୟକ ଗୋଷ୍ଠୀ ଅଛନ୍ତି। ଧାନ ମଣ୍ଡି ଖୋଲିବାକୁ ଯେଉଁ ଯୋଗ୍ୟତା ରହିଛି, ଶିକ୍ଷିତ ମହିଳା ଥିବା ଗୋଷ୍ଠୀ ଏହି ମଣ୍ଡି ଦ୍ୱାରା ଧାନ ଆଦାୟର ନିଯୁକ୍ତିରୁ ବଞ୍ଚିତ ହୋଇଛି। ସୋମବାର ମଣ୍ଡି ଖୋଲାଗଲା ପରେ ହରିପୁର ଗ୍ରାମ ମହିଳା ଗୋଷ୍ଠୀର ସଦସ୍ୟାମାନେ କେନ୍ଦ୍ରରେ ତାଲା ପକାଇଦେବା ସହ ଅଙ୍ଗନୱାଡି କର୍ମୀଙ୍କୁ ଗୃହବନ୍ଦୀ କରି ରଖିଥିଲେ। ପୋଲିସ ଓ ପ୍ରଶାସନର ବୁଝାଶୁଝା ପରେ ଅଙ୍ଗନୱାଡି କର୍ମୀଙ୍କୁ ଉଦ୍ଧାର କରାଯାଇଥିଲା। ବ୍ଲକ ଓ ଏନ୍‌ଏସିରେ ମଣ୍ଡି ଖୋଲିବା ନିଯୁକ୍ତି ପାଇଥିବା ସଂଘ ପ୍ରତି ଅଭିଯୋଗ କରିଛନ୍ତି। ପ୍ରଶାସନ ଉତ୍ତମ ପରିଚାଳିତ, ଶିକ୍ଷିତ ମହିଳା ଥିବା ଏସ୍‌ଏଚ୍‌ଜିକୁ ଏହି ଦାୟିତ୍ୱ ଦିଆଯିବାକୁ ସେମାନେ ଦାବି କରିଛନ୍ତି।

### ପଞ୍ଚାୟତ ନିର୍ବାଚନ ପ୍ରାର୍ଥୀ ଚୟନ ନେଇ ତତ୍ପରତା

ଚିକିଟି,୪।୧(ଡି.ଏନ୍.ଏ.): ଚଳିତବର୍ଷ ୨୦୨୨ରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଚିକିଟି ବ୍ଲକର ୧୭ ପଞ୍ଚାୟତରେ ବିଭିନ୍ନ ଦଳ ପକ୍ଷରୁ ରଣନୀତିକୁ ନେଇ ତତ୍ପରତା ଦେଖାଦେଇଛି। ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବର ଓ ଜିଲା ପରିଷଦ ପ୍ରାର୍ଥୀ ଚୟନରେ ତତ୍ପରତା ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି । ସବୁ ଦଳ ପକ୍ଷରୁ ବିଭିନ୍ନ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବୈଠକ ଚାଲୁଛି । ତଥାପି ପ୍ରାର୍ଥୀ ଠିକ୍ ଚୟନ ହୋଇପାରୁନାହିଁ। ଯୋଗ୍ୟ ପ୍ରାର୍ଥୀ, ଯେଉଁମାନେ ଦଳକୁ ବିଜୟୀ ହେବାରେ ସହାୟକ ହୋଇପାରିବେ ସେହି ପ୍ରାର୍ଥୀ ଖୋଜା ଚାଲିଛି । ତେବେ ବିଭିନ୍ନ ଦଳ ପକ୍ଷରୁ ଟିକଟ ପାଇଁ ଚୂଡାନ୍ତ ମୋହର କାହା ଦେହରେ ବାଜିବ ସେନେଇ କଳ୍ପନା ଲାଗିଛି।

# ମହାମାୟୀ ମହିଳା ମହାବିଦ୍ୟାଳୟ ଅଶାନ୍ତ

■ ଏନ୍‌ସିସି କ୍ୟାଡ଼େଟଙ୍କ ଫାଟକ ସମ୍ମୁଖରେ ଛାତ୍ରୀଙ୍କ ଧାରଣା
■ ସଂକୀର୍ଣ୍ଣ ପରିସରରୁ ବନ୍ଦ ହେଲା ଏନ୍‌ସିସି

ବ୍ରହ୍ମପୁର ଅଫିସ,୪।୧

ବ୍ରହ୍ମପୁର ମହାମାୟୀ ମହିଳା ମହାବିଦ୍ୟାଳୟରେ ମଙ୍ଗଳବାର ଦିନତମାମ ଏନ୍‌ସିସି କ୍ୟାଡ଼େଟ ଛାତ୍ରୀଙ୍କ ମଧ୍ୟରେ ଅଶାନ୍ତି ଲାଗି ରହିଥିଲା । ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏନ୍‌ସିସିରେ ସାମିଲ ୩୩ ଛାତ୍ରୀ ଅଧକ୍ଷଙ୍କ କାର୍ଯ୍ୟାଳୟ ଓ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଛାତ୍ରୀମାନେ କହିଛନ୍ତି, ଫେବୃୟାରୀ ୧୩ ଓ ୨୦ରେ ଏନ୍‌ସିସିର ବି ଓ ସି ସାର୍ଟିଫିକେଟ ପରୀକ୍ଷା ଅନୁଷ୍ଠିତ ହେବ। ଏ ନେଇ ଡିସେମ୍ବର ୩୦ରୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଜାନୁୟାରୀ ୩ ଫର୍ମ ପୂରଣର ଶେଷ ଦିନ ଥିଲା। କିନ୍ତୁ ଏନେଇ



ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଏନ୍‌ସିସି କ୍ୟାଡ଼େଟଙ୍କ ଧାରଣା ।

ମହାବିଦ୍ୟାଳୟ କର୍ତ୍ତୃପକ୍ଷ କିମ୍ବା ଦାୟିତ୍ୱରେ ଥିବା ଏନ୍‌ସିସି ଅଧିକାରୀଙ୍କ ନିକଟରୁ କ୍ୟାଡେଟଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବା ବେଳେ ନୋଟିସ୍ ବୋର୍ଡ଼ରେ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇ ନ ଥିଲା। ମଙ୍ଗଳବାର ଓଡ଼ିଶା ଗାର୍ଲସ ବାଟାଲିୟନ ଏ ସମ୍ପର୍କରେ ସୂଚନା ପାଇବା ପରେ କ୍ୟାଡେଟ୍‌ମାନେ ଅଧକ୍ଷ ଓ ଅତିରିକ୍ତ ଏନ୍‌ସିସି ଅଧିକାରୀଙ୍କ ନିକଟକୁ ସମାଧାନ ନିମନ୍ତେ ଯାଇଥିଲେ। ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଦୀର୍ଘ ସମୟ ପର୍ଯ୍ୟନ୍ତ ଛାତ୍ରୀଙ୍କ ଅଭିଯୋଗ ଉପରେ କର୍ଣ୍ଣପାତ କରି ନ ଥିଲେ ଓ ସେମାନଙ୍କ ଲିଖିତ ଅଭିଯୋଗ ମଧ୍ୟ ଗ୍ରହଣ କରି ନ ଥିବା ନେଇ ଆନ୍ଦୋଳନରତ କ୍ୟାଡେଟମାନେ ଅଭିଯୋଗ କରିଥିଲେ। ବାଧହୋଇ ସମସ୍ତ କ୍ୟାଡେଟ ମିଳିତ ଭାବେ ମହାବିଦ୍ୟାଳୟ ଫାଟକ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ। ସେହିପରି ମହାବିଦ୍ୟାଳୟର ଏଏନ୍‌ଓ ନିରୁପମା ମହାପାତ୍ରଙ୍କ ସହ ଏ ସମ୍ପର୍କରେ କଥାବାର୍ତ୍ତା ନିମନ୍ତେ ଯୋଗାଯୋଗ କରିବା ବେଳେ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଥିଲେ। ଏନେଇ ମହାବିଦ୍ୟାଳୟ ଅଧକ୍ଷ ଡ.ଏସ.ଏନ୍. ରାଓଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି, ମହାବିଦ୍ୟାଳୟ ପରିସର ସଂକୀର୍ଣ୍ଣ ଥିବାବେଳେ ଏନ୍‌ସିସି ନିମନ୍ତେ ଆବଶ୍ୟକ ଭିତ୍ତିଭୂମି ମଧ୍ୟ ନାହିଁ। ଏଣୁ ବାଧ ହୋଇ ଏନ୍‌ସିସି ବନ୍ଦ କରିବା ନିମନ୍ତେ ଚଳିତ ବର୍ଷଠାରୁ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ବର୍ତ୍ତମାନ ଯେଉଁ ଛାତ୍ରୀମାନେ ଏନ୍‌ସିସିରେ ନାମଲେଖାଇ ସାରିଛନ୍ତି ସେମାନଙ୍କ ନିମନ୍ତେ ପୂର୍ବତନ ଏଏନ୍‌ଓ ସମସ୍ତ ଦାୟିତ୍ୱ ବହନ କରିବେ। ଆଗାମୀ ଫେବୃୟାରୀରେ ଅନୁଷ୍ଠିତ ହେବାକୁଥିବା ବି ଓ ସି ସାର୍ଟିଫିକେଟ ପରୀକ୍ଷା ଦେବା ନିମନ୍ତେ କ୍ୟାଡେଟମାନଙ୍କ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି।

### ବଢ଼ୁଛି ସାଇବର ଅପରାଧ ତିନି ଦିନରେ ନେଇଗଲେ ୩ଲକ୍ଷ

ବ୍ରହ୍ମପୁର ଅଫିସ,୪।୧

ବର୍ଷ ଆରମ୍ଭରୁ ସାଇବର ଅପରାଧୀମାନେ ସକ୍ରିୟ ହେବାକୁ ଲାଗିଲେଣି। ବିଭିନ୍ନ କୌଶଳ ପ୍ରୟୋଗ କରି ଲୋକଙ୍କୁ ଠକିବାରେ ଲାଗିଛନ୍ତି। ଏବେ ଜିଲାରେ ଧୀରେ ଧୀରେ ଲୋକମାନେ ସାଇବର ଅପରାଧୀଙ୍କ ଜାଲରେ ଛନ୍ଦି ହୋଇ ଠକାମିର ଶିକାର ହେଉଛନ୍ତି। ଏହି ଧାରାରେ ଗତ ୩ ଦିନ ଭିତରେ ଗଞ୍ଜାମ ଜିଲାରେ ୨ ଟି ବଡ଼ ସାଇବର ଠକେଇ ସାମ୍ନାକୁ ଆସିଛି। ପୋଲସରା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଷ୍ଟେଟ ବ୍ୟାଙ୍କ ଖାତାରୁ ୩ ଲକ୍ଷ ୪୦ ହଜାର ଗାଏବ ହୋଇଯାଇଥିବା ବେଳେ ଏମ୍‌କେସିଜି ମେଡିକାଲର ଜଣେ ଷ୍ଟାଫନର୍ସଙ୍କ ଖାତାରୁ ପ୍ରାୟ ଦେଢ ଲକ୍ଷ ଟଙ୍କା ଗାଏବ ହୋଇଯାଇଛି। ବଡ଼କଥା ହେଲା ସାଇବର ଠକ ଉଭୟଙ୍କ ଖାତାରୁ ବାରମ୍ବାର ଟଙ୍କା ନେଇ ଚାଲିଥିଲେ ମଧ୍ୟ ପଞ୍ଜୀକୃତ ମୋବାଇଲକୁ ଗୋଟିଏ ବି ମେସେଜ ଆସିନାହିଁ। ପୋଲସରାର ବିଜୟ ସାମନ୍ତରାୟ ବ୍ରହ୍ମପୁରସ୍ଥିତ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ କରିଥିବା ଅଭିଯୋଗ ପ୍ରକାରେ ପୋଲସରା ଷ୍ଟେଟବ୍ୟାଙ୍କ ଶାଖାରେ ଥିବା ତାଙ୍କ ଆକାଉଣ୍ଟରେ ନଭେମ୍ବର ୨୨ ତାରିଖ ବେଳକୁ ୩ ଲକ୍ଷ ୪୨ ହଜାର ଟଙ୍କା ଥିଲା। ହେଲେ ଡିସେମ୍ବର ୩୧ରେ ସେ ପାସ୍‌ବୁକ ପ୍ରିଣ୍ଟ କଲା ପରେ ତାଙ୍କ ଖାତାରେ ଆଉ ୨ ହଜାର ଟଙ୍କା ଥିବା ଜାଣିବାକୁ ପାଇଥିଲେ। ସେ କୌଣସି ସ୍ଥାନରେ ଟଙ୍କା ଖର୍ଚ୍ଚ କରି ନ ଥିଲେ ମଧ୍ୟ ଆକାଉଣ୍ଟରୁ ୩ ଲକ୍ଷ ୪୦ ଉଠାଣ ହୋଇଥିଲା। ହେଲେ ମୋବାଇଲକୁ ମେସେଜ ଆସି ନ ଥିବାରୁ ଏହି ଠକେଇ ପଛରେ ବ୍ୟାଙ୍କ କର୍ମଚାରୀଙ୍କ ହାତ ଥିବା ବିଜୟ ସନ୍ଦେହ କରୁଛନ୍ତି। ସେହିପରି ଏମ୍‌କେସିଜି ମେଡିକାଲ କ୍ୟାମ୍ପସ ଷ୍ଟେଟବ୍ୟାଙ୍କ ଶାଖାରେ ଆକାଉଣ୍ଟ ଥିବା ଜଣେ ଷ୍ଟାଫନର୍ସଙ୍କ ଖାତାରୁ ଗତ ଏକ ମାସ ଭିତରେ ସାଇବର ଠକମାନେ ଦେଢ ଲକ୍ଷ ଟଙ୍କା ନେଇ ଯାଇଥିବା ସାଇବର ଥାନାରେ ୩ ଦିନ ତଳେ ଅଭିଯୋଗ ହୋଇଥିଲା। ସାଇବର ପୋଲିସ ଏବେ ଉକ୍ତ ଘଟଣାର ତଦନ୍ତ ଜାରି ରଖିଥିବା କହିଛି।

## ବ୍ରହ୍ମପୁର ରେଳ ଷ୍ଟେଶନ ଓ ଦକ୍ଷିଣ ଓଡିଶାରେ ରେଳ ବିକାଶ ପାଇଁ ଦାବି

ବ୍ରହ୍ମପୁର ଅଫିସ,୪।୧

ବ୍ରହ୍ମପୁର ରେଳ ଷ୍ଟେଶନ ଓ ଦକ୍ଷିଣ ଓଡ଼ିଶାରେ ରେଳ ବିକାଶ ପାଇଁ ମଙ୍ଗଳବାର ଓଡ଼ିଶା ଡେଭଲପମେଣ୍ଟ ଫୋରମ ପକ୍ଷରୁ କେନ୍ଦ୍ର ରେଳମନ୍ତ୍ରୀ ଓ ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ରେଳ ଷ୍ଟେଶନ ପ୍ରବନ୍ଧକ ଦୁର୍ଗା ପ୍ରସାଦ ବ୍ରହ୍ମାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ରହ୍ମପୁର ଷ୍ଟେଶନରେ ରେଳ ଟର୍ମିନାଲ ନିର୍ମାଣ, ୧୩୦ ବର୍ଷ ପୁରୁଣା ଷ୍ଟେଶନର ସର୍ବାଙ୍ଗୀନ ବିକାଶ, ବ୍ରହ୍ମପୁର-ସମ୍ବଲପୁର ଭାୟା ଫୁଲବାଣୀ, ଗୋପାଳପୁର-ରାୟଗଡା, ଗୋପାଳପୁର-ତାଳଚେର, ଗୋପାଳପୁର-ନୟାଗଡ଼ ଭାୟା ତାରାତାରିଣୀ, ବୁଗୁଡା ଓ ଗୁଣୁପୁର-ରାୟଗଡା ରେଳପଥ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ପାଇଁ ଫୋରମ୍ ଦାବି କରିଛି। ଏଥିସହ ବ୍ରହ୍ମପୁରରୁ ମୁମ୍ବାଇ, ସୁରଟ, ଦିଲ୍ଲୀ ଓ ଅନ୍ୟ ସହରକୁ ପ୍ରତିଦିନ ଟ୍ରେନ୍ ଚଳାଚଳ, ଭୁବନେଶ୍ୱର ଓ ପୁରୀରେ ଅଟକି ଥିବା ଅନେକ ଟ୍ରେନ୍‌କୁ ବ୍ରହ୍ମପୁର ଯାଏ ବୃଦ୍ଧି ଏବଂ ଦକ୍ଷିଣ ଓଡ଼ିଶାର ବରପୁତ୍ର ଓ ମା' ତାରାତାରିଣୀଙ୍କ ନାମରେ ଦୂରଗାମୀ ଟ୍ରେନ୍‌ର ନାମକରଣ ପାଇଁ ଦାବି ହୋଇଥିଲା। ଦାବିପତ୍ର ପ୍ରଦାନ ସମୟରେ ରାମ ପ୍ରସାଦ ତ୍ରିପାଠୀ, ବବିତା ପାତ୍ର, ଲକ୍ଷ୍ମୀ ନାରାୟଣ ପାଢୀ, ଭି.ସୋମେଶ୍ୱର ରାଓ, ମାନସ ପାତ୍ର, ସନ୍ତୋଷ ସାହୁ ଓ କିରଣ କୁମାର ପଣ୍ଡାଙ୍କ ସମେତ ଫୋରମର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଏନ୍‌ଡିଏ ପରୀକ୍ଷାରେ ସାମନ୍ତରାୟ ଏକାଡେମୀର ସଫଳତା

ବ୍ରହ୍ମପୁର ଅଫିସ୍,୪।୧

**ସର୍ବଭାରତୀୟସ୍ତରୀୟ ୮୪ ର୍ୟାଙ୍କରେ ଚକ୍ରଧର**

ଏନ୍‌ଡିଏ(ନ୍ୟାଶନାଲ ଡିଫେନ୍ସ ଏକାଡେମୀ) ସର୍ବଭାରତୀୟ ପରୀକ୍ଷାରେ ସାମନ୍ତରାୟ ଏକାଡେମୀ ସଫଳତା ହାସଲ କରିଛି। ଏହି ଅନୁଷ୍ଠାନର ଛାତ୍ର ଏସ୍.ଚକ୍ରଧାରୀ ଆରୟନ ରାଜ ସର୍ବଭାରତୀୟ ସ୍ତରରେ ୮୪ ତମ ର୍ୟାଙ୍କରେ ରହି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ ନେଇ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ ସୂଚନା ଦେଇଛନ୍ତି। ରାୟଗଡା ନିବାସୀ ଛାତ୍ର ଚକ୍ରଧର ପ୍ରଥମେ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ଏସ୍‌ଏସ୍‌ବି ସାକ୍ଷାତକାର ଓ ମେଡିକାଲ ଟେଷ୍ଟ ସଫଳ ହୋଇ ସର୍ବଭାରତୀୟସ୍ତରରେ ଏହି ସଫଳତା ହାସଲ କରିଛନ୍ତି। ଛାତ୍ର ଛକ୍ରଧର ସଫଳତାର ସମସ୍ତ ଶ୍ରେୟ ପିତା ଏସ୍.ରାଜେଶ ଓ ମାତା ଏସ୍.ଭବାନୀ ଓ ଏକାଡେମୀର ନିର୍ଦ୍ଦେଶକଙ୍କୁ ଦେଇଛନ୍ତି। ଏହି ସଫଳତା ଯୁବପିଢି ପାଇଁ ଏକ ପ୍ରେରଣା। ଏହାଦ୍ୱାରା ରାଜ୍ୟର ଅଧିକରୁ ଅଧିକ ଭାରତୀୟ ସୈନ୍ୟବାହିନୀରେ ଯୋଗ ଦେବେ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ସାମନ୍ତରାୟ କହିଛନ୍ତି। ଛାତ୍ରଙ୍କ ପରିବାର ବର୍ଗ ସଫଳତାକୁ ନେଇ ଖୁସିବ୍ୟକ୍ତ କରିବା ସହ ଅନୁଷ୍ଠାନର ଶିକ୍ଷକ ଓ ନିର୍ଦ୍ଦେଶକଙ୍କୁ କୃତଜ୍ଞତା ଜଣାଇଛନ୍ତି।


ଅନୁଷ୍ଠାନର ନିର୍ଦ୍ଦେଶକଙ୍କ ପକ୍ଷରୁ ଛାତ୍ର ଚକ୍ରଧରଙ୍କୁ ଶୁଭେଚ୍ଛା।

## ସୋରଡ଼ାରେ ପହିଲି ଭୋଗର ଆସର


ପ୍ରସ୍ତୁତ ହୋଇଥିବା ପହିଲି ଭୋଗ।

ସୋରଡା, ୪।୧(ଡି.ଏନ୍.ଏ.)

ସୋରଡ଼ା ବ୍ଲକ ସମେତ ଏନ୍‌ଏସିର ମନ୍ଦିରଗୁଡ଼ିକରେ ପହିଲି ଭୋଗର ଆସର ଚାଲିଛି। ଭୋରରୁଭୋଗ ହୋଇ ପ୍ରସ୍ତୁତ ରହିଥାଏ ପ୍ରସାଦ। ସେଥିମଧ୍ୟରେ ମିଠାଭାତ, ମିଠାଡାଲି , ଘାଣ୍ଟ ତରକାରି, ଆମ୍ବିଳ, ମହୁର, ଗୋଳେଇ ଭଜା, ବେସର, ୫ ପ୍ରକାର ଭରତା, ଖିରି, କାକରା, ବରା, ମିଠା ଆଚାର ଆଦି ରହିଥାଏ। ଧନୁ ସଂକ୍ରାନ୍ତିରୁ ମକର ସଂକ୍ରାନ୍ତି ଏକ ମାସ ଧରି ଚାଲିଥାଏ ଏହି ଭୋଗର ଆସର। ଏନ୍‌ଏସିର ବଡକାଳୀ, ସାନକାଳୀ, ଜଗନ୍ନାଥ, ତ୍ରିନାଥ, ଗୋପୀନାଥ, ରଘୁନାଥ ମନ୍ଦିର ସମେତ ବଡଗଡ, ସୁରମଣି, ସିଦ୍ଧପୁର, ତତାବାଲି, ପାଲକାଟ, ଏକଲପୁର, ଚାକୁଣ୍ଡା, ବୁଗୁଡା ଗ୍ରାମର ମନ୍ଦିରଗୁଡ଼ିକରେ ପହିଲି ଭୋଗ ହେଉଛି। ଜଗନ୍ନାଥ ମନ୍ଦିର କମିଟି ସଦସ୍ୟ ସଞ୍ଜୀବ ପଟ୍ଟନାୟକ, ସତ୍ୟ ପାତ୍ର, ରଜନୀକାନ୍ତ ମହାପାତ୍ର, ସୁପକାର ମୁନା ପତ୍ରୀ, ଲିଟୁ ସୁଆର ସେଠାର ଭୋଗ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବା ବେଳେ ସାନକାଳି ମନ୍ଦିରରେ ସୁପକାର ଦେବରାଜ ପଣ୍ଡା, ବଡକାଳି ମନ୍ଦିରରେ ପୂଜକ ମଧୁସୂଦନ ସାହୁ ପ୍ରମୁଖ ରୋଷେଇ କରୁଛନ୍ତି। ପ୍ରତିଦିନ ୧୦୦ରୁ ଉର୍ଦ୍ଧ୍ୱ ଲୋକ ଗୋଟିଏ ଗୋଟିଏ ମନ୍ଦିରରେ ଭୋଗ ପାଇଁ ଭିଡ଼ ଲଗାଉଛନ୍ତି।

## ଅଭିଯୁକ୍ତ ସ୍ୱାମୀ ଗଲେ ଜେଲ

**ସ୍ତ୍ରୀଙ୍କ ହାତଗୋଡ ବାନ୍ଧି ଘରେ ନିଆଁ ଲଗାଇବା ଅଭିଯୋଗ**

ଦିଗପହଣ୍ଡି,୪।୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଗୌଡ଼ଗାଁ ଗ୍ରାମରେ ନିଶାସକ୍ତ ଅବସ୍ଥାରେ ସ୍ୱାମୀ ନିଜ ସ୍ତ୍ରୀଙ୍କ ହାତଗୋଡ ବାନ୍ଧି ଘରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ସ୍ତ୍ରୀଙ୍କ ଏତଲା କ୍ରମେ ନୂଆଗାଁ ଥାନା ପୋଲିସ ନଂ. ୬/୨୨ ଅନୁଯାୟୀ ଅଭିଯୁକ୍ତ ସ୍ୱାମୀ ବୁଦ୍ଧୁ ସାହୁଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ପଠାଯାଇଛି। ଦିଗପହଣ୍ଡି ବ୍ଲକ ବନମାଳୀ ଗ୍ରାମର ବାସନ୍ତୀ ସାହୁ ଗୌଡଗାଁ ଗ୍ରାମର ବୁଦ୍ଧୁ ସାହୁଙ୍କୁ ବିବାହ କରିଥିବା ବେଳେ ସେମାନଙ୍କ ୩ଟି ସନ୍ତାନ ରହିଛନ୍ତି। ତେବେ ସ୍ୱାମୀ ବିଭିନ୍ନ ସମୟରେ ମଦ୍ୟପାନ କରିସ୍ତ୍ରୀ ଓ ପିଲାମାନଙ୍କୁ ମାଡ ମାରୁଥିବା ଅଭିଯୋଗ ହୋଇଛି। ଗତ ରବିବାର ବୁଦ୍ଧୁ ତାଙ୍କ ସ୍ତ୍ରୀ ବାସନ୍ତୀଙ୍କୁ ଘର ଭିତରେ ବାନ୍ଧି ଦେବା ପରେ ବାହାରକୁ ଆସି ଚାଳଘରେ ନିଆଁ ଲଗାଇ ଦେଇଥିଲେ। ବାସନ୍ତୀଙ୍କ ଚିତ୍କାର ଶୁଣି ପଡ଼ୋଶୀ ଲୋକେ ନିଆଁ ଲିଭାଇବା ସହ ତାଙ୍କୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିଥିଲେ।

## ରାମଗିରିରେ ମୋବାଇଲ ସେବା ଆରମ୍ଭ

ରାମଗିରି,୪।୧

ଆର.ଉଦୟଗିରି ବ୍ଲକ ରାମଗିରି ଗ୍ରାମରେ ନୂତନ ଭାବେ ବସାଯାଇଥିବା ଏୟାରଟେଲ ମୋବାଇଲ ସେବାର ଉଦ୍‌ଘାଟନ କରାଯାଇଛି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ରାମଗିରି ଥାନାଧିକାରୀ ଲୋକନାଥ ବେହେରା, ରାମଗିରି ମେଡିକାଲ ଡାକ୍ତର ଜୟକୃଷ୍ଣ ସେଠୀ, ରାମଗିରି ସରପଞ୍ଚ ଆଦିକନ୍ଦ କାର୍ଜୀ, ସମିତିସଭ୍ୟ ଗୋପବନ୍ଧୁ ପଟ୍ଟନାୟକ, ଏଏସ୍‌ଆଇ ପ୍ରସନ୍ନ କୁମାର ତରଣୀ, ଏୟାରଟେଲ ଟିଏସ୍‌ଏମ୍ ଗଜପତି ଓ ରାୟଗଡ଼ା ଦୀପକ କୁମାର ନାୟକ, ଡିଷ୍ଟ୍ରିବ୍ୟୁଟର ପାତ୍ର ଏଜେନ୍ସିର ସଞ୍ଜୀବ ପାତ୍ର ଓ କେଦାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିଙ୍କ ଦ୍ୱାରା ଟାୱାର ଉଦ୍‌ଘାଟନ।

DSPL-372

ଓଡ଼ିଶା ଶାସନ

**୧୫ ରୁ ୧୮ ବର୍ଷ କିଶୋର/କିଶୋରୀମାନଙ୍କର କୋଭିଡ୍ ଟୀକାକରଣ ପାଇଁ ମାର୍ଗଦର୍ଶିକା**

ଟୀକାକରଣ ପାଇଁ ଯୋଗ୍ୟତା - ୧୫ ରୁ ୧୮ ବର୍ଷ ମଧ୍ୟରେ ଥିବା ସମସ୍ତ ପିଲା (୨୦୦୭ ମସିହା କିମ୍ବା ତା' ପୂର୍ବରୁ ଜନ୍ମ)

ପଞ୍ଜିକରଣ ଉପାୟ - କୋ-ୱିନ୍ ପୋର୍ଟାଲ୍‌ରେ ପଞ୍ଜିକୃତ ଥିବା ଆକାଉଣ୍ଟ ଦ୍ୱାରା କିମ୍ବା (https://selfregistration.cowin.gov.in/)ରେ ନିଜ ମୋବାଇଲ୍ ନମ୍ବର ମାଧ୍ୟମରେ ଲଗ୍‌ଇନ୍ କରି ଟୀକା ପାଇଁ ପଞ୍ଜିକରଣ କରନ୍ତୁ କିମ୍ବା ନିର୍ଦ୍ଧାରିତ ଟୀକାକରଣ କେନ୍ଦ୍ରକୁ ଯାଇ ପଞ୍ଜିକରଣ କରନ୍ତୁ।

ପଞ୍ଜିକରଣ ପାଇଁ ଆବଶ୍ୟକ ପରିଚୟପତ୍ର (ନିମ୍ନ ପ୍ରଦତ୍ତ ମଧ୍ୟରୁ କୌଣସି ଗୋଟିଏ)

| | |
|---|---|
| ୧. ଷ୍ଟୁଡେଣ୍ଟ ଆଇ କାର୍ଡ | ୨. ଆଧାର କାର୍ଡ |
| ୩. ଡ୍ରାଇଭିଂ ଲାଇସେନ୍‌ସ୍ | ୪. ପ୍ୟାନ୍ କାର୍ଡ |
| ୫. ପାସ୍‌ପୋର୍ଟ | ୬. ପେନ୍‌ସନ୍ ପାସ୍‌ବୁକ୍ |
| ୭. NPR ସ୍ମାର୍ଟ କାର୍ଡ | ୮. ଭୋଟର କାର୍ଡ |
| ୯. ଫଟୋଥିବା ଭିନ୍ନକ୍ଷମ ସାର୍ଟିଫିକେଟ୍/UDID କାର୍ଡ | ୧୦. ଫଟୋଥିବା ଖାଉଟି ପରିଚୟ ପତ୍ର |

ଟୀକାକରଣ ସାର୍ଟିଫିକେଟ୍ ପାଇବାର ବିଧି - (https://selfregistration.cowin.gov.in/) ରେ ଲଗ୍‌ଇନ୍ କରି ଟୀକାକରଣ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରାଯାଇ ପାରିବ।

ଟୀକାର ନାମ - ୧୫ ରୁ ୧୮ ବର୍ଷ ପିଲାଙ୍କ ପାଇଁ କେବଳ **କୋଭାକ୍ସିନ୍** ଟୀକାକୁ ଅନୁମୋଦନ କରାଯାଇଛି।

ଦୁଇ ଡୋଜ୍ ଟୀକା ମଧ୍ୟରେ ବ୍ୟବଧାନ - ୧ମ ଡୋଜ୍ ଟୀକା ନେବାର ୪ ରୁ ୬ ସପ୍ତାହ ମଧ୍ୟରେ ୨ୟ ଡୋଜ୍ ନିଆଯାଇ ପାରିବ।

ଟୀକାକରଣ ପରବର୍ତ୍ତୀ ପାର୍ଶ୍ୱ ପ୍ରତିକ୍ରିୟା - ଟୀକା ନେବା ପରେ ଇଂଜେକ୍‌ସନ୍ ନେବା ସ୍ଥାନରେ ସାମାନ୍ୟ ବ୍ୟଥା କିମ୍ବା ମୁଣ୍ଡ ବିନ୍ଧା, ମୁଣ୍ଡ ବୁଲାଇବା, ଜ୍ୱର, ଦେହ ଘୋଳାବିନ୍ଧା, ପେଟ ଯନ୍ତ୍ରଣା, ବାନ୍ତି ଲାଗିବା ଭଳି ସାମାନ୍ୟ ପ୍ରତିକ୍ରିୟା ଦେଖାଯାଇ ପାରେ। ତେବେ ଏଭଳି କ୍ଷେତ୍ରରେ ବିଚଳିତ ନହୋଇ ନିକଟସ୍ଥ ଆଶା / ସ୍ୱାସ୍ଥ୍ୟକର୍ମୀ / ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରନ୍ତୁ।

ଟୀକା ନେବାପରେ ମଧ୍ୟ କୋଭିଡ୍ ପ୍ରତିରୋଧି ନିୟମ ମାନି ଚଳନ୍ତୁ

ସମ୍ପୂର୍ଣ୍ଣ ଟୀକାକରଣ, ସୁରକ୍ଷିତ ଜୀବନ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

OIPR-10003/13/0122/2122

